କୃଷି ଉତ୍ପାଦାନ ମଣ୍ଡି ସମିତି

ବନାମ

ଅଶୋକ କୁମାର ଦୀନେଶ ଚନ୍ଦ୍ର ଏବଂ ଅନ୍ୟଜଣେ ଇତ୍ୟାଦି ଇତ୍ୟାଦି

ଅଗଷ୍ଟ 29,1996

[ମଦନ ମୋହନ ପୁଞ୍ଛି ଏବଂ ସୁଜାତା ବି ମନୋହର, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତର ସମ୍ବିଧାନ, 1950*

*ଅନୁଚ୍ଛେଦ 226 – ରିଟ୍ ଆବେଦନ ଦାବି କରେ ଯେ, ମଣ୍ଡି ସମିତିଗୁଡ଼ିକ ସେବା ପ୍ରଦାନ କରୁନାହାନ୍ତି ଏବଂ ତେଣୁ କୌଣସି ବଜାର ଶୁଳ୍କ ଆଦାୟଯୋଗ୍ୟ ନୁହେଁ – ମଣ୍ଡି ସମିତିଗୁଡ଼ିକ ଦାବି କରିଛନ୍ତି ଯେ, କେତେକ ସେବା ପ୍ରଦାନ କରାଯାଇଥିଲା ଏବଂ ଆଗକୁ ଆହୁରି କିଛି ସେବା ପ୍ରଦାନ କରାଯିବାର ସମ୍ଭାବନା ରହିଛି – ରିଟ୍ ଆବେଦନକାରୀମାନଙ୍କ ଦାବି ଉପରେ ନ୍ୟାୟ ନିର୍ଣ୍ଣୟ କରିବା ପାଇଁ ଉଚ୍ଚ ନ୍ୟାୟାଳୟ ଏହି ମାମଲାକୁ ମଣ୍ଡି ସମିତିଗୁଡ଼ିକୁ ଫେରାଇ ଦେଇଥିଲେ – ଅପିଲରେ ଦର୍ଶାଯାଇଛି, ଉଚ୍ଚ ନ୍ୟାୟାଳୟ ନିଜେ ଏହି ପ୍ରଶ୍ନକୁ ନିରୀକ୍ଷଣ କରିବା ଉଚିତ ଥିଲା ଯେ, ସେବା ପ୍ରଦାନ କରିବାରେ ସମିତିଗୁଡ଼ିକର ଦାବି ପ୍ରାମାଣିକ କି ନୁହେଁ, କିମ୍ବା ସମିତିଗୁଡ଼ିକର କହିବା ଅନୁଯାୟୀ ଅନୁସନ୍ଧାନ କରିବା ଉଚିତ ଥିଲା ଯେ, ସେମାନେ ଏହିପରି ସେବା ପ୍ରଦାନ କରୁଛନ୍ତି – ମଣ୍ଡି ସମିତିକୁ ମାମଲା ପଠାଇବା ଠିକ ନଥିଲା ଯାହାଦ୍ୱାରା ଅନ୍ତହୀନ ବିବାଦର ଅନିୟନ୍ତ୍ରିତ ପ୍ରବାହର ଦ୍ୱାର ଖୋଲିଗଲା : ଯାହା ସମ୍ପୃକ୍ତ ଅଧିନିୟମ ଦ୍ୱାରା ହାସଲ କରିବାକୁ ଚାହୁଁଥିବା ଉତ୍ତମ ଉଦ୍ଦେଶ୍ୟ ପାଇଁ ପ୍ରତିକୂଳ ହେବ - ବଜାର ଶୁଳ୍କ-ମଣ୍ଡି ସମିତି ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 1678/1982 ଇତ୍ୟାଦି, ଇତ୍ୟାଦି ।

ଡବ୍ଲ୍ୟୁ.ପି. 2109/1977ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ତା 21.5.81 ରିଖର ରାୟ ଏବଂ ଆଦେଶରୁ ।

ଉପସ୍ଥିତ ପକ୍ଷମାନଙ୍କ ପାଇଁ ଇ.ସି. ଅଗ୍ରୱାଲ, (ଟି. ମହିପାଲ) ପ୍ରଦୀପ ମିଶ୍ରଙ୍କ ପାଇଁ, ଗିରିଶ ଚନ୍ଦ୍ର, ଏଚ୍.କେ. ପୁରୀ ଏବଂ ଏମ୍.କେ. ଗର୍ଗ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶଗୁଡ଼ିକ ପ୍ରଦାନ କରାଯାଇଥିଲା:

ଆକ୍ଷେପିତ ସାଧାରଣ ରାୟ ଦ୍ୱାରା, ଏଠାରେ ରିଟ୍ ଆବେଦନକାରୀ/ଉତ୍ତରଦାତାମାନଙ୍କ ଦାବି ଉପରେ ନ୍ୟାୟନିର୍ଣ୍ଣୟ କରିବାକୁ ଉଚ୍ଚ ନ୍ୟାୟାଳୟ ସମ୍ପୃକ୍ତ ମଣ୍ଡି ସମିତିକୁ ଏହି ମାମଲା ପଠାଇଛନ୍ତି, ଯେ କୌଣସି ସେବା ପ୍ରଦାନ କରାଯାଇନଥିବାରୁ ସେମାନଙ୍କଠାରୁ କୌଣସି ବଜାର ଶୁଳ୍କ ଆଦାୟ କରାଯିବ

ନାହିଁ । ଏହି ନିର୍ଦ୍ଦେଶ ମଣ୍ଡି ସମିତିଗୁଡ଼ିକ ଦ୍ୱାରା ପାଲଟା ସତ୍ୟପାଠରେ ଦିଆଯାଇଥିବା ଦୃଢ କଥନ ସତ୍ତ୍ୱେ କୁହାଯାଇଥିଲା ଯେ, ସେମାନେ ବିଦ୍ୟୁତ ଲାଇଟ୍, ପାଣି, ସଫେଇ, ବଜାର ପରିସରରେ ଅନ୍ୟାନ୍ୟ ସୁବିଧା, ତମ୍ବୁ, ପରିସ୍ରାଗାର, ନଳାପୋଲ ଏବଂ ସଂଯୋଗ ରାସ୍ତା ନିର୍ମାଣ ଭଳି କିଛି ସେବା ପ୍ରଦାନ କରୁଛନ୍ତି । ବିଦ୍ୟମାନ ସେବା ପ୍ରଦାନ କରାଯିବା ବ୍ୟତୀତ, ଭବିଷ୍ୟତରେ ପ୍ରଦାନ କରାଯିବାକୁ ଥିବା ସେବାର ଭିତ୍ତିଭୂମି ପ୍ରକାଶ କରାଯାଇଥିଲା, ବଜାର ପରିସର, ଗୋଦାମ, ଡାକ-ଘର, ବ୍ୟାଙ୍କ, ପଣ୍ୟାଗାର, ଆଶ୍ରୟସ୍ଥଳ ଏବଂ ବିଶ୍ରାମ ଗୃହ ଇତ୍ୟାଦି ସହିତ ବଜାର କମ୍ପ୍ଲେକ୍ସ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଚାଲିଛି ବୋଲି କୁହାଯାଉଥିଲା । ଉଚ୍ଚ ନ୍ୟାୟାଳୟ ଏହି ପଦକ୍ଷେପ ନେବା ଦ୍ୱାରା ମଣ୍ଡି ସମିତିଗୁଡ଼ିକ ଏବଂ ବ୍ୟବସାୟୀମାନଙ୍କ ମଧ୍ୟରେ ବାକ୍ ଚାତୁରିର ଖେଳ ଆରମ୍ଭ ହୋଇଯାଇଛି; ସମିତିମାନେ ଯୁକ୍ତି ବାଢ଼ିଛନ୍ତି ଯେ, ସେମାନେ କିଛି ସୁବିଧା ପ୍ରଦାନ କରିଛନ୍ତି ଏବଂ ଭବିଷ୍ୟତରେ ଅଧିକ ସୁବିଧା ପ୍ରଦାନ କରିବାର ସମ୍ଭାବନା ରହିଛି ଏବଂ ବ୍ୟବସାୟୀମାନେ ଯୁକ୍ତି ବାଢ଼ିଛନ୍ତି ଯେ, ଏପରି କୌଣସି ସୁବିଧା ପ୍ରଦାନ କରାଯାଇ ନାହିଁ ଏବଂ ଭବିଷ୍ୟତରେ କୌଣସି ସୁବିଧା ପ୍ରଦାନ କରାଯିବାର ଆଶା ନାହିଁ । ଏହି ବିବାଦ, ଏହି ଅନୁମାନ ଉପରେ ଉଜ୍ଜୀବିତ ହୋଇଛି ଯେ, *କ୍ଷତି ପୂରଣ* ନୀତି ଉପରେ, ଦାବି କରାଯାଇଥିବା ଶୁଳ୍କ ଏବଂ ପ୍ରଦାନ କରାଯାଇଥିବା ସେବାର ପ୍ରାୟ ସନ୍ତୁଳନ ରହିବା ଉଚିତ । ତାହା, ଆମ ମତରେ, ସଠିକ ଆଭିମୁଖ୍ୟ ନୁହେଁ । ଉଚ୍ଚ ନ୍ୟାୟାଳୟ ଏହି ମାମଲାକୁ ମଣ୍ଡି ସମିତିମାନଙ୍କ ଉପରେ ଖୋଲା ଛାଡ଼ିଦେବା ଉଚିତ ନୁହେଁ, ଯେଉଁମାନେ ପ୍ରକୃତିଗତ ସ୍ଥିତି ଦୃଷ୍ଟିରୁ, ସେମାନଙ୍କୁ ନିଜ ମାମଲାରେ ବିଚାରପତି ହେବାକୁ ପଡ଼ିବ; ଏହା ଏକ ଅବାଞ୍ଛିତ ଘଟଣା ।

ଏହି ନ୍ୟାୟାଳୟ, *ଏମ୍.ସି.ଡି. ଏବଂ ଅନ୍ୟମାନେ ବନାମ ମହମ୍ମଦ ୟାସିନ୍ ଏବଂ ଅନ୍ୟଜଣେ,* [1983] 3 SCC 229, 235ରେ, ଏହି ପ୍ରସଙ୍ଗରେ ବିଚାରପତିଙ୍କ ଦ୍ୱାରା ନିର୍ମିତ ଆଇନର ସାରାଂଶ ନିମ୍ନରେ ପର୍ଯ୍ୟବେକ୍ଷଣ କରାଯାଇଛି:

> " ...... ଯଦିଓ ଏକ ଶୁଳ୍କ ପ୍ରଦାନ କରାଯାଇଥିବା ସେବା କିମ୍ବା ପ୍ରଦାନ କରାଯାଇଥିବା ସୁବିଧା ସହିତ ସମ୍ପର୍କ ରହିବା ଆବଶ୍ୟକ, ଏହିପରି ସମ୍ପର୍କ ପ୍ରତ୍ୟକ୍ଷ ହେବା ଆବଶ୍ୟକ ନୁହେଁ, କେବଳ ଏକ ସାମୟିକ ସମ୍ପର୍କ ଯଥେଷ୍ଟ ହୋଇପାରେ । ଅଧିକନ୍ତୁ, ଶୁଳ୍କର ପରିମାଣ କିମ୍ବା ପ୍ରଦାନ କରାଯାଇଥିବା ସେବା ସମାନ ହେବାର ଆବଶ୍ୟକତା ନାହିଁ । ଶୁଳ୍କ ପଇଠ କରୁଥିବା ବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟମାନେ ମଧ୍ୟ ଉପକୃତ ହୁଅନ୍ତି, ଏହା ଶୁଳ୍କର ସ୍ୱଭାବରୁ ବିଚ୍ୟୁତ ହୁଏ ନାହିଁ । ବାସ୍ତବରେ, ଜନସ୍ୱାର୍ଥରେ ନିୟନ୍ତ୍ରଣର ପ୍ରାଥମିକ ଉଦ୍ଦେଶ୍ୟ ତୁଳନାରେ ଦେୟ ପ୍ରଦାନକାରୀଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା କିମ୍ବା ଲାଭ ମଧ୍ୟ ଗୌଣ ହୋଇପାରେ ।  ନ୍ୟାୟାଳୟ ମଧ୍ୟ ବ୍ୟୟ ହିସାବରକ୍ଷକଙ୍କ

ଭୂମିକା ଗ୍ରହଣ କରିବେ ନାହିଁ । ଦୁଇଟିକୁ ସମାନ ଭାବରେ ସନ୍ତୁଳିତ କରିବା ପାଇଁ ସଂଗୃହିତ ଶୁଳ୍କ ପରିମାଣ ବିରୁଦ୍ଧରେ ପ୍ରଦାନ କରାଯାଇଥିବା ସେବା ଇତ୍ୟାଦିର ମୂଲ୍ୟକୁ ଅତି ସୂକ୍ଷ୍ମ ଭାବରେ ଆକଳନ କରିବା ଆବଶ୍ୟକ କିମ୍ବା ସମୀଚୀନ ନୁହେଁ । ଏକ ବ୍ୟାପକ ସହ-ସମ୍ପର୍କ ଅଟେ ଯେ, ଏକ ଆବଶ୍ୟକ *କ୍ଷତି ପୂରଣ* କଠୋର ଅର୍ଥରେ ଏକ ଶୁଳ୍କର ଏକମାତ୍ର ଏବଂ ପ୍ରକୃତ ସୂଚକାଙ୍କ ନୁହେଁ; କିମ୍ବା ଏହା ଏକ ଟିକସରେ ଆବଶ୍ୟକୀୟ ଭାବରେ ଅନୁପସ୍ଥିତ ନୁହେଁ ।"

ପରବର୍ତ୍ତୀ ନିଷ୍ପତ୍ତିରେ ଏହି ମତକୁ ନିରନ୍ତର ଅନୁସରଣ କରାଯାଇଛି । *କ୍ଷତିପୂରଣ* ଉପାଦାନର କଠୋର ଅର୍ଥ, ସବୁବେଳେ ଶୁଳ୍କ ପାଇଁ ଅପରିହାର୍ଯ୍ୟ ଆବଶ୍ୟକତା ନୁହେଁ । ଏହି ସମ୍ବନ୍ଧରେ *ସିଟି କର୍ପୋରେସନ୍ ଅଫ୍ କାଲିକଟ ବନାମ ଥାଚାମ୍ବାଲଥ ସାଦଲିନାନ ଏବଂ ଅନ୍ୟମାନେ,* [1985] 2 SCR 1008 ଦେଖନ୍ତୁ, ଯେଉଁଥିରୁ ନିମ୍ନଲିଖିତ ଅନୁଚ୍ଛେଦଟି ସୁବିଧା ପାଇଁ ପଢ଼ାଯାଇପାରେ:

"ଏହି ନ୍ୟାୟାଳୟଙ୍କର ଅନେକ ସାମ୍ପ୍ରତିକ ନିଷ୍ପତ୍ତି ଦ୍ୱାରା ଏହା ସ୍ପଷ୍ଟ ହୋଇଛି ଯେ, *କ୍ଷତି ପୂରଣ* ର ଶୁଳ୍କରେ ପାରମ୍ପରିକ ଧାରଣା ଏକ ପରିବର୍ତ୍ତନର ସମ୍ମୁଖୀନ ହେଉଛି ଏବଂ ଯଦିଓ ପ୍ରଦାନ କରାଯାଇଥିବା ଶୁଳ୍କ କିମ୍ବା ପ୍ରଦାନ କରାଯାଇଥିବା ସୁବିଧା ସହିତ ସମ୍ପର୍କିତ ହେବା ଆବଶ୍ୟକ, ଏପରି ସମ୍ପର୍କ ପ୍ରତ୍ୟକ୍ଷ ହେବା ଆବଶ୍ୟକ ନୁହେଁ, କେବଳ ଏକ ସାମୟିକ ସମ୍ପର୍କ ଯଥେଷ୍ଟ ହୋଇପାରେ । ଏହା ପ୍ରତିଷ୍ଠିତ କରିବା ଆବଶ୍ୟକ ନୁହେଁ ଯେ, ଯେଉଁମାନେ ଶୁଳ୍କ ପ୍ରଦାନ କରନ୍ତି, ଯେଉଁ ସେବା ପାଇଁ ଶୁଳ୍କ ପ୍ରଦାନ କରାଯାଉଛି ସେମାନେ ତାହାର ପ୍ରତ୍ୟକ୍ଷ ସୁବିଧା ପାଇବା ଆବଶ୍ୟକ । ଯଦି ଜଣେ ଦେୟ ଦେବାକୁ ଦାୟୀ ବ୍ୟକ୍ତି, ଦେୟ ଆଦାୟ କରୁଥିବା କର୍ତ୍ତୃପକ୍ଷଙ୍କଠାରୁ ସାଧାରଣ ସୁବିଧା ପାଆନ୍ତି, ତେବେ ଶୁଳ୍କ ସଂଗ୍ରହ ପାଇଁ ଆବଶ୍ୟକ ସେବାର ଉପାଦାନ ପୂରଣ ହୁଏ । ଏହା ଜରୁରୀ ନୁହେଁ ଯେ, ଦେୟ ଦେବାକୁ ଦାୟୀ ବ୍ୟକ୍ତି ଶୁଳ୍କ ପ୍ରଦାନ ପାଇଁ କିଛି ସ୍ୱତନ୍ତ୍ର ସୁବିଧା କିମ୍ବା ଲାଭ ପାଇବା ଆବଶ୍ୟକ ।"

ବର୍ତ୍ତମାନର ନଥିରେ ପ୍ରକାଶ ପାଇଥିବା ତଥ୍ୟ ସହିତ ଉପରୋକ୍ତ ନିଷ୍ପତ୍ତିର ଅନୁପାତକୁ ପ୍ରୟୋଗ କରି, ଏହା ଗ୍ରହଣୀୟ ହୋଇଯାଏ ଯେ, ଅପିଲକାରୀ-ସମିତିଗୁଡ଼ିକ, ସେମାନଙ୍କ ବ୍ୟବସାୟ କାରବାର କରୁଥିବା ବ୍ୟକ୍ତିମାନଙ୍କୁ କିଛି ସଂଖ୍ୟକ ସେବା ପ୍ରଦାନ କରନ୍ତି ଏବଂ ଅନ୍ୟସ୍ଥାନ ପରି ବଜାର-ପରିସରରେ କାରବାର କରନ୍ତି, ଏବଂ ଏହା ଆବଶ୍ୟକ ନୁହେଁ ଯେ, ସେମାନେ ଯାହା ଆଦାୟ କରୁଛନ୍ତି, ତାହା ଶୁଳ୍କ ପ୍ରଦାନକାରୀ ଏବଂ ସେମାନଙ୍କ ସହିତ ଜଡ଼ିତ ଅନ୍ୟମାନଙ୍କ ସୁବିଧା ପାଇଁ ଗୋଟି ଗୋଟି ପଇସା ଖର୍ଚ୍ଚ ହୋଇଥିବା ଦର୍ଶାଯିବ । ଉଚ୍ଚ ନ୍ୟାୟାଳୟ, ଯଦି ସନ୍ଦେହ କରନ୍ତି, ତେବେ ଏହି ପ୍ରଶ୍ନକୁ ନିଜେ ଅନୁଧ୍ୟାନ

କରିବା ଉଚିତ ଥିଲା, ସେବା ପ୍ରଦାନ କରିବାରେ ସମିତିଗୁଡ଼ିକର ଦାବି କରିବା ପ୍ରାମାଣିକ କି ନୁହେଁ, କିମ୍ବା ସମିତିର କହିବା ଅନୁଯାୟୀ ସେମାନେ ଏହିପରି ସେବା ପ୍ରଦାନ କରୁଛନ୍ତି ମାନିବା ଉଚିତ ଥିଲା । ଉଚ୍ଚ ନ୍ୟାୟାଳୟ ଏହି ମାମଲାକୁ ମଣ୍ଡି ସମିତିକୁ ପଠାଇବା ପାଇଁ କୌଣସି କାରଣ ନଥିଲା ଏବଂ ଏହା ଦ୍ୱାରା ଅନ୍ତହୀନ ବିବାଦର ଅନିୟନ୍ତ୍ରିତ ପ୍ରବାହର ଦ୍ୱାର ଖୋଲିଗଲା; ଯାହା ସମ୍ପୃକ୍ତ ଅଧିନିୟମ ଦ୍ୱାରା ହାସଲ କରିଯିବାକୁ ଚାହୁଁଥିବା ଉତ୍ତମ ଉଦ୍ଦେଶ୍ୟ ପାଇଁ ପ୍ରତିକୂଳ ହେବ ।

ଉପରୋକ୍ତ କାରଣଗୁଡିକ ପାଇଁ, ଆମେ ଏହି ଅପିଲଗୁଡ଼ିକୁ ଅନୁମତି ଦେଉଛୁ, ଉଚ୍ଚ ନ୍ୟାୟାଳୟଙ୍କ ଆକ୍ଷେପିତ ଆଦେଶକୁ ରଦ୍ଦ କରିଛୁ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଉତ୍ତରଦାତାମାନଙ୍କ ଦ୍ୱାରା ଆଗତ କରାଯାଇଥିବା ରିଟ୍ ଆବେଦନକୁ ଖାରଜ କରିଛୁ, କିନ୍ତୁ ଖର୍ଚ୍ଚ ବିଷୟରେ କୌଣସି ଆଦେଶ ବିନା ।

ଜି.ଏନ୍.                                                       ଅପିଲକୁ ଅନୁମତି ଦିଆଯାଇଛି ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :- ସୁଧା ସୁରମ୍ୟା ସାହୁ**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**